# NATIONAL NEWS BULLETIN (ODIA)

## 9 September 2026

### Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ଫିନ୍‌ଟେକ୍ କ୍ଷେତ୍ରରେ ୟୁ.ପି.ଆଇ. ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି, କହିଲେ ପ୍ରଧାନମନ୍ତ୍ରୀ ।

– ମୁମ୍ବାଇରେ ବିଶ୍ୱ ଫିନ୍‌ଟେକ୍ ସମ୍ମିଳନୀ-୨୦୨୬କୁ କଲେ ଉଦ୍‌ଘାଟନ ।

- ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ସଂକଟ ସମୟରେ ଶ୍ରୀଲଙ୍କାକୁ ଭାରତ ଏକ ଦୃଢ଼ ପ୍ରତିବେଶି ଭାବେ ପ୍ରଦାନ କରିଆସିଛି ସହଯୋଗ ।
- ଆଗାମୀ ଏସୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଭାରତୀୟ ଦଳର ଜର୍ସୀ ଉନ୍ମୋଚନ କଲେ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ।
- ଆମେରିକା ଏବଂ ଇରାନ୍ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ଯୋଗୁଁ ପଶ୍ଚିମ ଏସିଆରେ ଉତ୍ତେଜନା ବୃଦ୍ଧି ।

ଏବଂ

- ବିଶ୍ୱ ପାରା ତୀର ଚାଳନା ପ୍ରତିଯୋଗିତାର ମିଳିତ ବର୍ଗରେ ଆଜି ଫାଇନାଲ୍ ମ୍ୟାଚ୍ ଖେଳିବେ ଭାରତୀୟ ଯୋଡ଼ି ।

## ପିଏମ୍-ଫିନ୍‌ଟେକ୍ ଫେଷ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଫିନ୍‌ଟେକ୍ କ୍ଷେତ୍ରରେ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ – ୟୁ.ପି.ଆଇ. ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ମୁମ୍ବାଇରେ ବିଶ୍ୱ ଫିନ୍‌ଟେକ୍ ସମ୍ମିଳନୀ ୨୦୨୬କୁ ଉଦ୍‌ଘାଟନ କରି ଶ୍ରୀ ମୋଦୀ ଏହା କହିଛନ୍ତି । ଭାରତର ଫିନ୍‌ଟେକ୍ କ୍ଷେତ୍ରରେ ବ୍ୟାପକତା ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ସମାବେଶୀ ଆର୍ଥିକ ବ୍ୟବସ୍ଥାରେ ୟୁ.ପି.ଆଇ. ଏକ ସର୍ବୋତ୍କୃଷ୍ଟ ଗ୍ରହଣୀୟ ମାଧ୍ୟମ । ଅଗଷ୍ଟ ମାସରେ ୟୁ.ପି.ଆଇ. ମାଧ୍ୟମରେ ୨୪ ବିଲିୟନ୍‌ରୁ ଅଧିକ ଆର୍ଥିକ କାରବାର ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍‌ଙ୍କ ୟୁ.ପି.ଆଇ. ସମ୍ପର୍କିତ ଏକ ବକ୍ତବ୍ୟକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବିଶ୍ୱର ବିଭିନ୍ନ କ୍ଷେତ୍ରରେ ଏବେ ୟୁ.ପି.ଆଇ.ର ବ୍ୟାପକତା ପରିଲକ୍ଷିତ ହୋଇଛି ।

ଶ୍ରୀ ମାକ୍ରନ କହିଥିଲେ, ୟୁ.ପି.ଆଇ. ଏକ ସଭ୍ୟତାର କାହାଣୀ ପରିପ୍ରକାଶ କରୁଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ୧୧ଟି ଦେଶରେ ୟୁ.ପି.ଆଇ. ବ୍ୟବସ୍ଥା ଏବେ କାର୍ଯ୍ୟକାରୀ ହେଉଛି । ଅନ୍ୟ ପ୍ରବାସୀ ଭାରତୀୟ ବହୁଳ ଅଞ୍ଚଳରେ ବାଣିଜ୍ୟ କାରବାରକୁ ବ୍ୟାପକ କରିବା ଲକ୍ଷ୍ୟ

ନେଇ ଆର୍ଥିକ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ସମ୍ପୃକ୍ତ ଅଂଶିଦାରଙ୍କୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ବିଶ୍ୱସ୍ତରରେ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା ସମନ୍ୱିତ ହେବା ଦ୍ୱାରା ପରିବାରକୁ ପାଣି ହସ୍ତାନ୍ତର ଉଲ୍ଲେଖନୀୟ ହେଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ରାଜନାଥ-ଇଣ୍ଡିଆ କମ୍ୟୁନିଟି

ଶ୍ରୀଲଙ୍କାର ପ୍ରବାସୀ ଭାରତୀୟ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । କଲମ୍ବୋଠାରେ ଗତକାଲି ପ୍ରବାସୀ ଭାରତୀୟଙ୍କ ସହ ମତବିନିମୟ ବେଳେ ଶ୍ରୀ ସିଂହ ଏହା କହିଛନ୍ତି । ସେ କହିଛନ୍ତି, ସଂକଟ ସମୟରେ ଶ୍ରୀଲଙ୍କା ସହିତ ଭାରତ ସବୁବେଳେ ଦୃଢ଼ ପ୍ରତିବେଶି ଭାବେ ଦାୟିତ୍ୱ ନିର୍ବାହ କରିଛି । ଦ୍ୱିପାକ୍ଷିକ ସମ୍ପର୍କ, ଇତିହାସ, ସଂସ୍କୃତି ଏବଂ ବିଶ୍ୱାସ ଉପରେ ଆଧାରିତ । ଏହି ଅବସରରେ ଶ୍ରୀ ସିଂହ ଭାରତର ଆର୍ଥିକ ଅଭିବୃଦ୍ଧି ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ବିଶ୍ୱ ଅର୍ଥନୈତିକ ଆହ୍ୱାନ ସତ୍ତ୍ୱେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଭାରତ ୭ ଦଶମିକ୍ ୮ ପ୍ରତିଶତ ଅଭିବୃଦ୍ଧିହାର ହାସଲ କରିଛି ।

ଗତ ୧୨ ବର୍ଷ ମଧ୍ୟରେ ୩୮ଟି ଦେଶ ସହ ଭାରତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଛି । ସେଥିମଧ୍ୟରେ ୮ଟି ପ୍ରମୁଖ ରାଷ୍ଟ୍ର ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଅନ୍ତର୍ଭୁକ୍ତ । ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସବୁଠାରୁ ଉଲ୍ଲେଖନୀୟ ପଦକ୍ଷେପ ବୋଲି ପ୍ରତିରକ୍ଷା ମନ୍ତ୍ରୀ ବର୍ଣ୍ଣନା କରିଛନ୍ତି । ଏହାଦ୍ୱାରା ୟୁରୋପୀୟ ସଂଘ ବଜାରକୁ ଭାରତୀୟ ସାମଗ୍ରୀର ପ୍ରବେଶ ଅତ୍ୟନ୍ତ ସହଜ ଓ ସୁଗମ ହୋଇପାରିଛି । ବୈଶ୍ୱିକ ସ୍ତରରେ ଭାରତର ବର୍ଦ୍ଧିତ କୂଟନୈତିକ ସମ୍ପର୍କ ଏବଂ ଆର୍ଥିକ କ୍ଷମତାକୁ ଏହା ପ୍ରତିଫଳନ କରୁଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

ଶ୍ରୀଲଙ୍କାକୁ ତିନି ଦିନିଆ ପ୍ରତିନିଧି ମଣ୍ଡଳୀୟ ଗସ୍ତରେ ଯାଇ ଗତକାଲି ପ୍ରତିରକ୍ଷା ମନ୍ତ୍ରୀ କଲମ୍ବୋଠାରେ ପହଞ୍ଚିଥିଲେ । ସେଠାରେ ଶ୍ରୀଲଙ୍କାର ପ୍ରତିରକ୍ଷା ଉପମନ୍ତ୍ରୀ ଅବସରପ୍ରାପ୍ତ ମେଜର ଜେନରାଲ୍ ଅରୁଣା ଜୟଶେଖର ଶ୍ରୀ ସିଂହଙ୍କୁ ସ୍ୱାଗତ କରିଥିଲେ ।

## ମୁଖ୍ୟମନ୍ତ୍ରୀ-ୟୁଏଇ

ଓଡ଼ିଶା ଓ ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ଆର୍ଥିକ ସଂପର୍କକୁ ସୁଦୃଢ଼ କରିବା ସହିତ ଭିତ୍ତିଭୂମି, ନିବେଶ, ଶକ୍ତି କ୍ଷେତ୍ରରେ ଅଧିକ ସହଭାଗିତା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଂଯୁକ୍ତ ଆରବ ଏମିରେଟ୍ସ ଗସ୍ତରେ ଯାଇ ଆବୁଧାବିଠାରେ ଉଚ୍ଚସ୍ତରୀୟ ନିବେଶ

ଅଭିଯାନର ଶୁଭାରମ୍ଭ କରିଛନ୍ତି । ଗସ୍ତର ଦ୍ୱିତୀୟ ଦିନରେ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟରେ ପୁଞ୍ଜି ନିବେଶ ଏବଂ ଶିଳ୍ପ ପ୍ରତିଷ୍ଠା ପାଇଁ ଏମିରେଟ୍ସର ପ୍ରମୁଖ ବ୍ୟବସାୟିକ ଅନୁଷ୍ଠାନ, ନିବେଶକ ଏବଂ ବ୍ୟବସାୟୀ ଗୋଷ୍ଠୀଙ୍କ ସହ ସିଧାସଳଖ ଆଲୋଚନା କରିବେ । ଏମିରେଟ୍ସର ସହଯୋଗରେ ଓଡ଼ିଶାରେ ପ୍ରଯୁକ୍ତିବିଦ୍ୟା, ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ନୂତନ ସୁଯୋଗ ସନ୍ଧାନ କରିବା ନେଇ ଆଜିଠାରୁ ଆବୁଧାବିଠାରେ ୩ ଦିନିଆ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ଇଣ୍ଡିଆ-କୁଏତ୍

ଭାରତ ଓ କୁଏତ୍ ବିଭିନ୍ନ କ୍ଷେତ୍ରରେ ରଣନୈତିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ପାଇଁ ସହମତ ହୋଇଛନ୍ତି । କୁଏତ୍‌ଠାରେ ଗତକାଲି ଅଷ୍ଟମ ଭାରତ-କୁଏତ୍ ବୈଦେଶିକ କାର୍ଯ୍ୟାଳୟ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ଅତିରିକ୍ତ ସଚିବ ଅଶ୍ୱିନୀ ମହାଜନ ଏବଂ କୁଏତ୍‌ର ବୈଦେଶିକ ମନ୍ତ୍ରଣାଳୟ ଏସୀୟ ବ୍ୟାପାର ସହ-ବୈଦେଶିକ ମନ୍ତ୍ରୀ ନଓ୍ୱାଖ୍ ଅବଦୁଲ୍ ଲାତିଫ୍ ସୁଲେମାନ୍ ଅଲ୍ ଅହମ୍ମଦ ଏହି ବୈଠକରେ ସହ-ଅଧ୍ୟକ୍ଷତା କରିଥିଲେ । ଉଭୟ ପକ୍ଷ ଦ୍ୱିପାକ୍ଷିକ ରଣନୈତିକ ସମ୍ପର୍କ ତଥା ବାଣିଜ୍ୟ, ନିବେଶ, ପ୍ରତିରକ୍ଷା, ସୁରକ୍ଷା, ଶକ୍ତି, ପ୍ରଯୁକ୍ତିବିଦ୍ୟା, କୃଷି, ସ୍ୱାସ୍ଥ୍ୟ, ସଂସ୍କୃତି ଏବଂ ଲୋକ ସମ୍ପର୍କ

ଆଦି ବିଭିନ୍ନ କ୍ଷେତ୍ରରେ ସହଯୋଗକୁ ଘନିଷ୍ଠ କରିବା ନେଇ ମତବିନିମୟ କରିଛନ୍ତି । ଉଭୟ ଦେଶର ମିଳିତ କାର୍ଯ୍ୟକାରୀ ଗୋଷ୍ଠୀ ବୈଠକର ନିଷ୍ପତ୍ତି ଉପରେ କାର୍ଯ୍ୟକାରିତା ନେଇ ସମୀକ୍ଷା କରାଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ନୂଆଦିଲ୍ଲୀରେ ପରବର୍ତ୍ତୀ ବୈଦେଶିକ କାର୍ଯ୍ୟାଳୟ ପରାମର୍ଶ ବୈଠକ ଅନୁଷ୍ଠିତ ହେବ ।

## ମାଣ୍ଡବ୍ୟ-ଏସିଆନ୍ ଗେମ୍ସ ୨୦୨୬

ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଭାରତୀୟ କ୍ରୀଡ଼ାବିତ୍‌ଙ୍କୁ ପ୍ରତିଯୋଗିତାର ଚାପକୁ ପ୍ରଦର୍ଶନରେ ପରିଣତ କରିବାକୁ ଆହ୍ୱାନ ଦେଇଛନ୍ତି ।

ପ୍ରତିପକ୍ଷଙ୍କୁ ଏକ ସୁଯୋଗ ଭାବେ ଲକ୍ଷ୍ୟ ରଖି ତାହାକୁ ସଫଳତାରେ ପରିଣତ କରିବାକୁ ଶ୍ରୀ ମାଣ୍ଡବ୍ୟ ପରାମର୍ଶ ଦେଇଛନ୍ତି । ନୂଆଦିଲ୍ଲୀରେ ଗତକାଲି ୨୦୨୬ ଏସୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଭାରତୀୟ ଦଳର ଜର୍ସୀ ଉନ୍ମୋଚନ ସମାରୋହରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମାଣ୍ଡବ୍ୟ ଏହା କହିଛନ୍ତି । ଭାରତୀୟ କ୍ରୀଡ଼ା ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଉପରେ ଆଲୋକପାତ କରି ଶ୍ରୀ ମାଣ୍ଡବ୍ୟ କହିଛନ୍ତି, ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଉତ୍କର୍ଷ ହାସଲ ଲାଗି ସରକାର କ୍ରୀଡ଼ାବିତ୍‌ଙ୍କ

ପାଇଁ ନୂତନ ମାର୍ଗ ଉନ୍ମୋଚନ କରିଛନ୍ତି । ଏହି ଅବସରରେ ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ଦଳକୁ ଗସ୍ତ ସମ୍ବର୍ଦ୍ଧନା ପ୍ରଦାନ କରି ଶ୍ରୀ ମାଣ୍ଡବ୍ୟ କହିଛନ୍ତି, ମନୋନୀତ ୫୦୩ ଜଣ ସଦସ୍ୟଙ୍କ ମଧ୍ୟରୁ ୩୦୦ରୁ ଅଧିକ ଖେଳାଳି ପ୍ରଥମଥର ପାଇଁ ଏସୀୟ କ୍ରୀଡ଼ାରେ ଅଂଶଗ୍ରହଣ କରୁଛନ୍ତି ।

ଭାରତୀୟ କ୍ରୀଡ଼ାର ବ୍ୟାପକତା ଏବଂ ଯୁବ ପ୍ରତିଭାଙ୍କ ଅଂଶଗ୍ରହଣକୁ ଏହା ପ୍ରତିପାଦନ କରୁଛି ବୋଲି ଶ୍ରୀ ମାଣ୍ଡବ୍ୟ କହିଛନ୍ତି । ୨୦୩୬ ସୁଦ୍ଧା ଭାରତକୁ ବିଶ୍ୱ କ୍ରୀଡ଼ା ମଞ୍ଚରେ ଏକ ପ୍ରତିଷ୍ଠିତ ରାଷ୍ଟ୍ର ଭାବେ ପରିଗଣିତ କରିବା ଲାଗି ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ପ୍ରସ୍ତୁତ ଦଶନ୍ଧି ଯୋଜନାରେ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତି ପାଇଁ ୩୬ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯିବ ବୋଲି ଶ୍ରୀ ମାଣ୍ଡବ୍ୟ ସୂଚନା ଦେଇଛନ୍ତି । ଆସନ୍ତା  ଏସୀୟ କ୍ରୀଡ଼ା ପ୍ରତିଯୋଗିତା ଜାପାନ୍‌ରେ ଅନୁଷ୍ଠିତ ହେବ ।

## ଇରାନ୍-ୟୁଏସ୍

ଆମେରିକା ଏବଂ ଇରାନ୍ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ଜାରି ରହିଥିବାରୁ ପଶ୍ଚିମ ଏସିଆ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଉଛି । ଗତ ଦୁଇ ଦିନ ମଧ୍ୟରେ ଆମେରିକୀୟ ଯୁଦ୍ଧ ଜାହାଜ ଉପରେ ଇରାନ୍‌ର ଇସ୍‌ଲାମିକ୍ ରେଭଲ୍ୟୁସନାରୀ ଗାର୍ଡ୍ କର୍ପସ୍ ଆଇ.ଆର୍.ଜି.ସି. ଆକ୍ରମଣ ପରିପ୍ରେକ୍ଷୀରେ

ଆମେରିକା ପ୍ରତିଆକ୍ରମଣ କରିଥିବା ଓ୍ୱାଶିଂଟନ୍ କହିଛି । ଇରାନ୍‌ର ୫ଟି ଅଶୋଧିତ ତୈଳ ଟ୍ୟାଙ୍କରକୁ ବ୍ୟାପକ କ୍ଷତି ପହଞ୍ଚିଛି ବୋଲି ଆମେରିକା ସେନା କହିଛି ।  ଏହାର ପ୍ରତିଶୋଧ ସ୍ୱରୂପ ଯୋଡ଼ାନ୍ ସ୍ଥିତ ଆମେରିକୀୟ ଘାଟିଗୁଡ଼ିକରେ ଇରାନ୍ ପକ୍ଷରୁ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଆମେରିକାର କେନ୍ଦ୍ରୀୟ କମାଣ୍ଡ ଇରାନ୍‌ର କ୍ଷତିଗ୍ରସ୍ତ ହୋଇଥିବା ତୈଳ ଟ୍ୟାଙ୍କରଗୁଡ଼ିକ ସମ୍ପର୍କରେ ସୂଚନା ପ୍ରଦାନ କରିଛି । ଅନ୍ୟ ପକ୍ଷରେ ଆଇ.ଆର୍.ଜି.ସି. ବାହାରିନ୍ ଓ କୁଏତ୍ ବନ୍ଦର ନିକଟରେ ତୈଳ ଟ୍ୟାଙ୍କର ବିରୁଦ୍ଧରେ ପଦକ୍ଷେପ ନେବାକୁ ଘୋଷଣା କରିଛି । ସେହି ଟ୍ୟାଙ୍କରରେ ଥିବା କର୍ମଚାରୀଙ୍କୁ ଜାହାଜ ଛାଡ଼ି ଚାଲିବାକୁ ଆଇ.ଆର୍.ଜି.ସି. ଚେତାବନୀ ଦେଇଛି ।

## ନାଭି ଚିଫ୍-ଭିଜିଟ୍

ନୌସେନା ମୁଖ୍ୟ ଆଡ୍‌ମିରାଲ୍ କୃଷ୍ଣ ସ୍ୱାମୀନାଥନ ଆଜି ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଗସ୍ତରେ ଯାଉଛନ୍ତି । ଗସ୍ତ ଅବସରରେ ଆଡମିରାଲ୍ ସ୍ୱାମୀନାଥନ ରୟାଲ୍ ଅଷ୍ଟ୍ରେଲିୟାନ୍ ନୌସେନାର ବରିଷ୍ଠ ଅଧିକାରୀଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା କରିବେ । ସେଠାକାର ପ୍ରମୁଖ ତାଲିମ୍ ପ୍ରତିଷ୍ଠାନ ତଥା ପ୍ରକଳ୍ପଗୁଡ଼ିକ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ରୟାଲ୍ ନ୍ୟୁଜିଲାଣ୍ଡ ନୌସେନାର କର୍ମଚାରୀ ତଥା ବୃତ୍ତିଗତ

ସାମରିକ ଶିକ୍ଷା ଗ୍ରହଣ କରୁଥିବା ଅଧିକାରୀଙ୍କ ସହ ମଧ୍ୟ ଗସ୍ତ ଅବସରରେ ଆଡମିରାଲ୍ ସ୍ୱାମୀନାଥନ ଭାବବିନିମୟ କରିବାର ସମ୍ଭାବନା ରହିଛି । ନ୍ୟୁଜିଲାଣ୍ଡର ନୌସେନାର ବରିଷ୍ଠ ଅଧିକାରୀଙ୍କ ସହ ଆଡମିରାଲ୍ ସ୍ୱାମୀନାଥନ୍ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିବେ ।

## ପିଏମ୍ଏମ୍ଏଲ୍-ନେହେରୁ ପ୍ଲାନେଟୋରିୟମ୍

ନୂଆଦିଲ୍ଲୀ ଠାରେ ପୁନଃ ବିକଶିତ ନେହେରୁ ପ୍ଲାନଟୋରିୟମ୍ ଗତକାଲି ଉଦ୍‌ଘାଟିତ ହୋଇଛି । ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଏବଂ ପାଠାଗାର – ପି.ଏମ୍.ଏମ୍.ଏଲ୍. ଯୋଜନା ଅଧୀନରେ ଏହି ପ୍ଲାନେଟୋରିୟମ୍‌ର ଆଧୁନିକୀକରଣ କରାଯାଇଛି । ଜ୍ୟୋର୍ତିବିଜ୍ଞାନକୁ ପ୍ରୋତ୍ସାହନ ଏବଂ ବିଜ୍ଞାନ ଯୋଗାଯୋଗ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ନେଇ ଜନସାଧାରଣଙ୍କ ସହଭାଗିତା ଲକ୍ଷ୍ୟରେ ଏହି ଆଧୁନିକ ବ୍ୟବସ୍ଥା କାର୍ଯ୍ୟକାରି ହୋଇଛି । ପି.ଏମ୍.ଏମ୍.ଏଲ୍. ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗଦେଇ ପି.ଏମ୍.ଏମ୍.ଏଲ୍. ନିର୍ଦ୍ଦେଶକ ଅଶ୍ୱିନୀ ଲୋହାନି କହିଛନ୍ତି, ଦେଶର ଛାତ୍ରଛାତ୍ରୀ, ଯୁବବର୍ଗ ଏବଂ ଜନସାଧାରଣଙ୍କ ମଧ୍ୟରେ ବିଜ୍ଞାନ ସମ୍ପର୍କିତ ମନୋଭାବକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ନେହେରୁ ପ୍ଲାନେଟୋରିୟମ୍ ଏକ ଅଗ୍ରଣୀ ପ୍ରତିଷ୍ଠାନ ଭାବେ ମାନ୍ୟତା ପାଇଛି । ପୁନଃ

ବିକଶିତ ଏହି ପ୍ଲାନେଟୋରିୟମ୍‌ରେ ପାଠାଗାର, ଉନ୍ନତ ପ୍ରଦର୍ଶନୀ ମଣ୍ଡପ, ପରିଦର୍ଶକ ସୁବିଧା ତଥା ସୁଗମ ଏବଂ ସମୃଦ୍ଧ ଶିକ୍ଷାଗତ ଅଭିଜ୍ଞତା ପ୍ରଦାନ କରିବା ନେଇ ବ୍ୟବସ୍ଥା ଉପଲବ୍ଧ ରହିଛି ବୋଲି ଶ୍ରୀ ଲୋହାନି କହିଛନ୍ତି ।

## ଏମ୍‌ସିଡି

ବିପଦ ସଂକୁଳ ତଥା ଅସୁରକ୍ଷିତ ଆବାସ ସ୍ଥଳୀଗୁଡ଼ିକ ବିରୁଦ୍ଧରେ ଦିଲ୍ଲୀ ମହାନଗର ନିଗମ ତରଫରୁ ଅଭିଯାନକୁ ଜୋର୍‌ଦାର୍ କରାଯାଇଛି । ଏହି ଆବାସସ୍ଥଳୀଗୁଡ଼ିକର ଚିହ୍ନଟ କରିବା ସହ ବିପଦ ସ୍ତର ନିର୍ଦ୍ଧାରଣ ଆଧାରରେ ସେଗୁଡ଼ିକୁ ବନ୍ଦ କିମ୍ବା ଭାଙ୍ଗିବା ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଦିଲ୍ଲୀ ମେୟର୍ ପ୍ରବେଶ ୱାହି ଏବଂ ମହାନଗର ନିଗମ କମିଶନର୍ ସଂଜୀବ ଖୀରୱାଦ୍ ସବୁ ଆଞ୍ଚଳିକ ଉପ-କମିଶନରଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି । ସେହି ଆବାସ ସ୍ଥଳୀଗୁଡ଼ିକର ଅନୁମୋଦନ ତଥା ଅନ୍ୟାନ୍ୟ ନଥିପତ୍ର ଯାଞ୍ଚ କରିବାକୁ କୁହାଯାଇଛି । ବିପଦ ସଂକୁଳନ ଅବସ୍ଥାରେ ଥିବା କୋଠାଗୁଡ଼ିକ ବିରୁଦ୍ଧରେ ଯଥା ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହାନଗର ନିଗମ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

# ୱାର୍ଲ୍ଡ ପାରା ଆର୍ଚେରୀ

ବିଶ୍ୱ ପାରା ତୀର ଚାଳନା ପ୍ରତିଯୋଗିତାରେ ମିଳିତ ବର୍ଗ ପ୍ରତିଯୋଗିତାରେ ଭାରତର ଭାୱନା ଏବଂ ହରବୀନ୍ଦର ସିଂହ ଆଜି ଫାଇନାଲ୍ ମ୍ୟାଚ୍ ଖେଳିବେ । ଗୁଜରାଟର ଅହମ୍ମଦାବାଦ୍‌ଠାରେ ଏହି ଯୋଡ଼ି ଚୀନ୍ ପ୍ରତିପକ୍ଷଙ୍କୁ ଭେଟିବେ ।  ପାରା କମ୍ପାଉଣ୍ଡ ବ୍ୟକ୍ତିଗତ ମହିଳା ବର୍ଗରେ ଭାରତର ସୀତଲ ଦେବୀ ଏବଂ କାଜାଖାସ୍ତାନର ଆଇଜାଦା ସୈଦାନ୍‌ଙ୍କ ମଧ୍ୟରେ ମୁକାବିଲା ହେବ । ପାରା କମ୍ପାଉଣ୍ଡ ମିଳିତ ବର୍ଗରେ ଭାରତୀୟ ଖେଳାଳି ବ୍ରୋଞ୍ଜ ପଦକ ପାଇଁ ଇରାକ୍ ପ୍ରତିପକ୍ଷଙ୍କ ସହ ଆଜି ମ୍ୟାଚ୍ ଖେଳିବେ ।